# ବିବି ଜୟବୁନିଶା

# ବନାମ

# ଜଗଦିଶ୍ ପଣ୍ଡିତ୍ ଏବଂ ଅନ୍ୟମାନେ

# ଫେବୃଆରୀ 10, 1997

# [କେ. ରାମାସ୍ୱାମୀ ଏବଂ ଜି.ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ବିନିର୍ଦ୍ଦିଷ୍ଟ ପ୍ରତିକାର ଅଧିନିୟମ 1963:*

*ପୁନଃ-ହସ୍ତାନ୍ତରର ସର୍ତ୍ତାନୁସାରେ ବିନିର୍ଦ୍ଦିଷ୍ଟ ନିଷ୍ପାଦନ — ଏଥିପାଇଁ ମକଦ୍ଦମା — ପ୍ରତିବାଦୀଙ୍କ ଯୁକ୍ତି — ସମୟ ଚୁକ୍ତିର ମୂଳତତ୍ତ୍ୱ — ଚୁକ୍ତିର ନିଜ ଅଂଶକୁ ନିଷ୍ପାଦନ କରିବା ପାଇଁ ବାଦୀଙ୍କ ଇଚ୍ଛୁକତା — ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ: ଲିଖିତ ଜବାବରେ ସମୟ ଚୁକ୍ତିର ମୂଳତତ୍ତ୍ୱ ଥିଲା ବୋଲି କୌଣସି ସ୍ପଷ୍ଟ ଯୁକ୍ତି କରାଯାଇନାହିଁ — କିମ୍ବା ଏହି ସମ୍ପର୍କରେ କୌଣସି ବିବାଦୀୟ ପ୍ରସଙ୍ଗ ଉଠାଯାଇ ନାହିଁ — ବାଦୀଙ୍କୁ ମଧ୍ୟ ଏହାର ଖଣ୍ଡନ କରିବା ପାଇଁ କିମ୍ବା ସମୟ ଚୁକ୍ତିର ମୂଳତତ୍ତ୍ୱ ନୁହେଁ ବୋଲି ପ୍ରମାଣ ଦେବା ପାଇଁ କୌଣସି ସୁଯୋଗ ମିଳିନାହିଁ — ଚୁକ୍ତିର ସମୟସୀମା 20.2.1973 ଥିଲା ଏବଂ ମକଦ୍ଦମା 07.4.1975 ରେ ଦାୟର କରାଯାଇଥିଲା, ଯାହାକି ନିର୍ଦ୍ଧାରିତ ସୀମା ମଧ୍ୟରେ ଅଛି — ତେଣୁ, ବାଦୀ ପ୍ରତିବାଦୀଙ୍କୁ ଅର୍ଥ ଦେଇ ନଥିଲେ ଏବଂ ସେ ଚୁକ୍ତିର ନିଜ ଅଂଶକୁ ନିଷ୍ପାଦନ କରିବା ପାଇଁ ପ୍ରସ୍ତୁତ ଏବଂ ଇଚ୍ଛୁକ ନଥିଲେ ବୋଲି ନିମ୍ନ ଅଦାଲତଗୁଡ଼ିକ ଦେଇଥିବା ନିଷ୍ପତ୍ତି ତ୍ରୁଟିପୂର୍ଣ୍ଣ ଅଟେ — ମୁଖ୍ୟ ପ୍ରଶ୍ନ ହେଉଛି ବାଦୀଙ୍କର ଅର୍ଥ ପୈଠ କରିବାର ସାମର୍ଥ୍ୟ ଥିଲା କି ନାହିଁ — ଏହି ଦିଗରେ ନିମ୍ନ ଅଦାଲତଗୁଡ଼ିକ କୌଣସି ବିଚାର କରିନାହାନ୍ତି — ବାଦୀ ବିଚାରଣ ଅଦାଲତରେ 40,000 ଟଙ୍କା ଜମା କରିବେ ଏବଂ ପ୍ରତିବାଦୀ ସମ୍ପତ୍ତି ପୁନଃ-ହସ୍ତାନ୍ତର କରିବେ — ଯଦି ପ୍ରତିବାଦୀ ଏଥିରେ ବିଫଳ ହୁଅନ୍ତି, ତେବେ ବିଚାରଣ ଅଦାଳତ ବିକ୍ରୟ ଦଲିଲର ସର୍ତ୍ତାବଳୀ ଅନୁଯାୟୀ ପୁନଃ-ହସ୍ତାନ୍ତର ଦଲିଲ ନିଷ୍ପାଦନ କରାଇବେ ।*

*ଶ୍ରୀମତୀ ଇନ୍ଦିରା କୌର୍ ଏବଂ ଅନ୍ୟମାନେ ବନାମ ଶେଓ ଲାଲ୍ କପୁର୍,* **[1988] 2 SCC 488, ମାମଲା ଉପରେ ନିର୍ଭରଶୀଳତା ରଖାଯାଇଥିଲା ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 921/1997 ।

ଏ.ଏଫ୍.ଏ.ଡି. ସଂଖ୍ୟା 135/1982 ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କ 23.5.96 ତାରିଖର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀଙ୍କ ତରଫରୁ ଏସ୍.ବି. ସାନ୍ୟାଲ ଏବଂ ଅଖିଳେଶ କୁମାର ପାଣ୍ଡେ ।

ଉତ୍ତରଦାତାମାନଙ୍କ ତରଫରୁ ଉଦୟ ସିହ୍ନା, ସୁଶ୍ରୀ ବିମଳା ସିହ୍ନା ଏବଂ ଗୋପାଳ ସିଂହ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ମଞ୍ଜୁରୀ ପ୍ରଦାନ କରାଗଲା ।

ଏହି ବିଶେଷ ଅନୁମତି ଆବେଦନ ମାଧ୍ୟମରେ ହୋଇଥିବା ଅପିଲଟି, ଅପିଲୀୟ ଡିକ୍ରି ସଂଖ୍ୟା 135/1982 ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା 1996 ମସିହା ମେ 23 ତାରିଖରେ ପ୍ରଦାନ କରାଯାଇଥିବା ରାୟରୁ ଉତ୍ପନ୍ନ ହୋଇଛି ।

ସ୍ୱୀକୃତ ତଥ୍ୟ ଅନୁଯାୟୀ, ଅପିଲକାରୀ 21.2.1969 ତାରିଖରେ ଏକ ପଞ୍ଜୀକୃତ ହସ୍ତାନ୍ତର ପତ୍ର ମାଧ୍ୟମରେ ମକଦ୍ଦମାଭୁକ୍ତ ସମ୍ପତ୍ତିଟିକୁ ବିକ୍ରୟ କରିଥିଲେ ଏବଂ ସେହି ସମୟରେ ହିଁ 4,000 ଟଙ୍କାର ପ୍ରତିଫଳ ବିନିମୟରେ ସମ୍ପତ୍ତିର ପୁନଃ-ହସ୍ତାନ୍ତର ପାଇଁ ଏକ ସମସାମୟିକ ଚୁକ୍ତିନାମା ହୋଇଥିଲା । ସମ୍ପତ୍ତିର ପୁନଃ-ହସ୍ତାନ୍ତର ପାଇଁ ଚୁକ୍ତିର ସର୍ତ୍ତାନୁସାରେ ବିନିର୍ଦ୍ଦିଷ୍ଟ ନିଷ୍ପାଦନ ନିମନ୍ତେ ଅପିଲକାରୀ 7 ଏପ୍ରିଲ, 1975 ମସିହାରେ ମକଦ୍ଦମା ଦାୟର କରିଥିଲେ । ନିମ୍ନ ଅଦାଲତଗୁଡ଼ିକ ଏହି ଆଧାରରେ ମକଦ୍ଦମାଟିକୁ ଖାରଜ କରିଦେଇଥିଲେ ଯେ, ଅପିଲକାରୀ ଚୁକ୍ତିର ନିଜ ଅଂଶ ନିଷ୍ପାଦନ ନିମନ୍ତେ ପ୍ରସ୍ତୁତ ଏବଂ ଇଚ୍ଛୁକ ନଥିଲେ । ବିଚାରଣ ଅଦାଲତ ଏବଂ ଉଚ୍ଚ ନ୍ୟାୟାଳୟ ଏହି ଭିତ୍ତିରେ ମଧ୍ୟ ମକଦ୍ଦମାଟିକୁ ଖାରଜ କରିଥିଲେ ଯେ, ସମୟ ଚୁକ୍ତିର ମୂଳତତ୍ତ୍ୱ ଥିଲା ଏବଂ ଅପିଲକାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଚୁକ୍ତି ନିଷ୍ପାଦନ କରିନଥିଲେ, ତେଣୁ ଏହି ମକଦ୍ଦମାଟି ତମାଦି ହୋଇଯାଇଛି ।

ତେଣୁ, ଏଠାରେ ପ୍ରଶ୍ନ ହେଉଛି: ବିଚାରଣ ଅଦାଲତ ଏବଂ ଉଚ୍ଚ ନ୍ୟାୟାଳୟ, ସମୟ ଚୁକ୍ତିର ମୂଳତତ୍ତ୍ୱ ବୋଲି ଯେଉଁ ମତ ପୋଷଣ କରିଛନ୍ତି, ତାହା ଆଇନଗତ ଭାବେ ସଠିକ୍ କି? ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଉଚ୍ଚ ନ୍ୟାୟାଳୟ ନିଜ ରାୟର ଅଷ୍ଟମ ଅନୁଚ୍ଛେଦରେ ଏହି ବିଷୟଟିକୁ ସ୍ଥାନିତ କରିଥିଲେ ଏବଂ ସମୟ ଚୁକ୍ତିର ମୂଳତତ୍ତ୍ୱ ଥିଲା ବୋଲି ନିଷ୍କର୍ଷକୁ ନଥିଭୁକ୍ତ କରିଥିଲେ । ଏହା ଏକ ସ୍ୱୀକୃତ ସ୍ଥିତି ଯେ, ଏହି ଯୁକ୍ତିଟିକୁ ନିର୍ଦ୍ଦିଷ୍ଟ ଭାବେ ଉଠାଯାଇ ନଥିଲା, ଯଦିଓ ଲିଖିତ ଜବାବରେ ଦର୍ଶାଯାଇଥିଲା ଯେ ଅପିଲକାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଚୁକ୍ତିର ନିଜ ଅଂଶକୁ ନିଷ୍ପାଦନ କରିନଥିଲେ । ଏହା ମଧ୍ୟ ସ୍ୱୀକାରଯୋଗ୍ୟ ଯେ, ଏହି ବିଷୟରେ କୌଣସି ବିବାଦୀୟ ପ୍ରସଙ୍ଗ ଉଠାଯାଇ ନଥିଲା । ତେଣୁ ପ୍ରଶ୍ନ ଉଠୁଛି: ସମୟ ଚୁକ୍ତିର ମୂଳତତ୍ତ୍ୱ ଥିଲା ବୋଲି ଉଚ୍ଚ ନ୍ୟାୟାଳୟ

ନିଷ୍କର୍ଷରେ ପହଞ୍ଚିବା ଯୁକ୍ତିଯୁକ୍ତ କି? ଏହା ଏବେ ଏକ ସ୍ଥିରୀକୃତ ଆଇନଗତ ସ୍ଥିତି ଯେ, କୌଣସି ଚୁକ୍ତି କିମ୍ବା ପୁନଃ-ହସ୍ତାନ୍ତର ଚୁକ୍ତିର କାର୍ଯ୍ୟକାରିତା କ୍ଷେତ୍ରରେ ସମୟ ସର୍ବଦା ମୂଳତତ୍ତ୍ୱ ହୋଇନଥାଏ, ଯେପର୍ଯ୍ୟନ୍ତ ଚୁକ୍ତିନାମାରେ ଏହା ସ୍ପଷ୍ଟ ଭାବେ ଲେଖା ନଥାଏ ଏବଂ ଏହାର ସପକ୍ଷରେ କୌଣସି ବିଶେଷ ତଥ୍ୟ କିମ୍ବା ପରିସ୍ଥିତି ନଥାଏ । ଏହାକୁ ନିର୍ଦ୍ଦିଷ୍ଟ ଭାବେ ଦାବି କରାଯିବା ଆବଶ୍ୟକ ଏବଂ ଏକ ପ୍ରସଙ୍ଗ ଉଠାଯିବା ଆବଶ୍ୟକ, ଯାହାଫଳରେ ଅନ୍ୟ ପକ୍ଷ ଏହାର ବିପକ୍ଷରେ ପ୍ରମାଣ ଦେବାର ଅଧିକାର ପାଇବେ । ଏହି ମାମଲାରେ ଲିଖିତ ଜବାବରେ କୌଣସି ସ୍ପଷ୍ଟ ଦାବି କରାଯାଇ ନାହିଁ କିମ୍ବା ଏହି ସମ୍ପର୍କରେ କୌଣସି ପ୍ରସଙ୍ଗ ଉଠାଯାଇ ନାହିଁ । ଫଳସ୍ୱରୂପ, ସମୟ ଚୁକ୍ତିର ମୂଳତତ୍ତ୍ୱ ନଥିଲା ବୋଲି ଖଣ୍ଡନ ସାକ୍ଷ୍ୟ ପ୍ରମାଣ ଉପସ୍ଥାପନ କରିବାକୁ ଅପିଲକାରୀଙ୍କୁ କୌଣସି ସୁଯୋଗ ମିଳିଲା ନାହିଁ ।

ଏହି ନ୍ୟାୟାଳୟ *ଶ୍ରୀମତୀ ଇନ୍ଦିରା କୌର୍ ଏବଂ ଅନ୍ୟମାନେ ବନାମ ଶେଓ ଲାଲ୍ କପୁର୍*, [1988] 2 SCC 488, ମାମଲାରେ ଅନୁଚ୍ଛେଦ 6 ରେ ନିମ୍ନମତେ ରାୟ ଦେଇଥିଲେ:

> "ସମୟ ଚୁକ୍ତିର ମୂଳତତ୍ତ୍ୱ କି ନୁହେଁ, ସେହି ପ୍ରଶ୍ନ ଉପରେ ଆମେ ସନ୍ତୁଷ୍ଟ ଯେ— ଉଚ୍ଚ ନ୍ୟାୟାଳୟ ଉତ୍ତରଦାତାମାନଙ୍କୁ ଏହି ପ୍ରଶ୍ନ ଉଠାଇବାକୁ ଅନୁମତି ଦେଇ ତ୍ରୁଟି କରିଥିଲେ । କାରଣ, ବିଚାରଣ ଅଦାଲତରେ ଏହି ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ଦାବି କରାଯାଇ ନଥିଲା କିମ୍ବା କୌଣସି ବିବାଦୀୟ ପ୍ରସଙ୍ଗ ଉଠାଯାଇ ନଥିଲା । ଏପରିକି ବିଚାରଣ ଅଦାଲତରେ ଉତ୍ତରଦାତାମାନଙ୍କ ପକ୍ଷରୁ ସମୟ ଚୁକ୍ତିର ମୂଳତତ୍ତ୍ୱ ବୋଲି କୌଣସି ଯୁକ୍ତି ମଧ୍ୟ ଉପସ୍ଥାପନ କରାଯାଇ ନଥିଲା । ଆବେଦନରେ ଯୁକ୍ତିର ଅଭାବ ବ୍ୟତୀତ, ଉତ୍ତରଦାତାମାନଙ୍କର ଏହି ଯୁକ୍ତି ପାଇଁ ଆମେ ଅନ୍ୟ କୌଣସି ଆଧାର ମଧ୍ୟ ପାଉନାହୁଁ ଯେ ସମୟ ଚୁକ୍ତିର ମୂଳତତ୍ତ୍ୱ ଥିଲା" ।

ଏହି ନ୍ୟାୟାଳୟ ରାୟ ଦେଇଥିଲେ ଯେ, ଯେଉଁ ବିଷୟଟି ପୂର୍ବରୁ ଆବେଦନ କିମ୍ବା ସେହି ସମ୍ପର୍କିତ ବିବାଦୀୟ ପ୍ରସଙ୍ଗର ଅଂଶବିଶେଷ ନୁହେଁ, ସେହି ଯୁକ୍ତିକୁ ଉଚ୍ଚ ନ୍ୟାୟାଳୟରେ ପ୍ରଥମ ଥର ପାଇଁ ଉଠାଯାଇପାରିବ ନାହିଁ । ଆମେ ଦେଖୁଛୁ ଯେ, ସେହି ସମାନ ସିଦ୍ଧାନ୍ତ ଏହି ମାମଲାର ତଥ୍ୟଗୁଡ଼ିକ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ । ତଦନୁସାରେ, ସମୟ ଚୁକ୍ତିର ମୂଳତତ୍ତ୍ୱ ଥିଲା ବୋଲି ଯେଉଁ ନିଷ୍ପତ୍ତି ନିଆଯାଇଛି ଏବଂ ସେହି ଆଧାରରେ ଅପିଲକାରୀଙ୍କୁ ମକଦ୍ଦମାରୁ ବଞ୍ଚିତ କରାଯାଇଛି, ତାହା ସ୍ପଷ୍ଟ ଭାବେ ଏକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ।

ପରବର୍ତ୍ତୀ ପ୍ରଶ୍ନଟି ହେଉଛି, ଅପିଲକାରୀ ଚୁକ୍ତିର ନିଜ ଅଂଶକୁ ନିଷ୍ପାଦନ କରିବା ପାଇଁ ପ୍ରସ୍ତୁତ ଏବଂ ଇଚ୍ଛୁକ ଥିଲେ କି? ଏହି ସମ୍ପର୍କରେ ସମସ୍ତ ଅଦାଲତଗୁଡ଼ିକ ମତ ଦେଇଛନ୍ତି ଯେ ଅପିଲକାରୀ ଚୁକ୍ତିର ନିଜ ଅଂଶକୁ ନିଷ୍ପାଦନ କରିବା ପାଇଁ ପ୍ରସ୍ତୁତ ଏବଂ ଇଚ୍ଛୁକ ନଥିଲେ ଏବଂ ବ୍ୟାଙ୍କ୍ ପାସବୁକ୍ ଉପସ୍ଥାପନ ନ କରିବା ଆଧାରରେ ଏହିପରି ଏକ ଅନୁମାନ କରାଯାଇଛି । ଏହା ଦେଖାଯାଉଛି ଯେ, ଯଦିଓ ସେ ପାସବୁକ୍ ଉପସ୍ଥାପନ କରିନାହାଁନ୍ତି, ତଥାପି ଉତ୍ତରଦାତାଙ୍କ ପକ୍ଷରୁ ଏପରି କୌଣସି ଯୁକ୍ତି କରାଯାଇ ନାହିଁ ଯେ ତାଙ୍କର ଅର୍ଥରାଶି ପ୍ରଦାନ କରିବାର ସାମର୍ଥ୍ୟ ନଥିଲା । ସେ ପ୍ରମାଣିତ କରିଥିଲେ ଯେ ଅର୍ଥରାଶି ପୈଠ କରିବା ପାଇଁ ତାଙ୍କ ପାଖରେ ପର୍ଯ୍ୟାପ୍ତ ଅର୍ଥ ଥିଲା । ଏପରି ପରିସ୍ଥିତିରେ, ଅପିଲକାରୀ ସର୍ତ୍ତାନୁସାରେ ନିର୍ଦ୍ଦିଷ୍ଟ କାର୍ଯ୍ୟ ନିଷ୍ପାଦନ କରିବା ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେବା ପୂର୍ବରୁ ଅର୍ଥରାଶି ପ୍ରଦାନ ପାଇଁ ପ୍ରସ୍ତାବ ଦେବାରେ ବିଫଳ ହୋଇଥିବେ ବୋଲି ମନେହୁଏ ନାହିଁ । ଏହା ମଧ୍ୟ ଦେଖାଯାଉଛି ଯେ, ଚୁକ୍ତି ଅନୁଯାୟୀ ସମୟସୀମା ନିର୍ଦ୍ଧାରଣର ଶେଷ ତାରିଖ 20 ଫେବୃଆରୀ, 1973 ଥିଲା ଏବଂ ସୀମା ନିର୍ଦ୍ଧାରଣ ଅଧିନିୟମର ଅନୁସୂଚୀର ଅନୁଚ୍ଛେଦ 54 ଅଧୀନରେ 3 ବର୍ଷ ମଧ୍ୟରେ ଅର୍ଥାତ୍ 07 ଅପ୍ରେଲ, 1975 ରେ ମକଦ୍ଦମା ଦାୟର କରାଯାଇଥିଲା । ଅପିଲକାରୀ ଉତ୍ତରଦାତାଙ୍କୁ ଅର୍ଥରାଶି ଯାଚି ନାହାଁନ୍ତି ବୋଲି ନିମ୍ନ ଅଦାଲତଗୁଡ଼ିକ ଯେଉଁ ନିଷ୍କର୍ଷରେ ପହଞ୍ଚିଛନ୍ତି, ତାହା ସଠିକ୍ ନୁହେଁ । ବାଦୀଙ୍କ (ପି.ଡବ୍ଲ୍ୟୁ.-1) ସାକ୍ଷ୍ୟରୁ ଦେଖାଯାଉଛି ଯେ ସେ ଇଚ୍ଛୁକ ଥିଲେ ଏବଂ ବାସ୍ତବରେ, ସେ 4,500 ଟଙ୍କା ପ୍ରଦାନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଅନ୍ୟପକ୍ଷରେ, ଅନ୍ୟ ଜଣେ ସାକ୍ଷୀ (ପି.ଡବ୍ଲ୍ୟୁ.-3) ଦର୍ଶାଇଛନ୍ତି ଯେ ସେ 4,000 ଟଙ୍କା ଦେବାକୁ ପ୍ରସ୍ତାବ ଦେଇଥିଲେ । ମାତ୍ର 500 ଟଙ୍କାର ଏହି ସାମାନ୍ୟ ଅମେଳ ଯୋଗୁଁ ସମ୍ପୂର୍ଣ୍ଣ ସାକ୍ଷ୍ୟକୁ ଅବିଶ୍ୱାସ କରିବା ନିମ୍ନ ଅଦାଲତଙ୍କ ପକ୍ଷେ ଉଚିତ ନଥିଲା ।

ମୁଖ୍ୟ ପ୍ରଶ୍ନଟି ହେଉଛି: ପ୍ରସ୍ତାବ ଅନୁଯାୟୀ ଅର୍ଥରାଶି ପ୍ରଦାନ କରିବା ପାଇଁ ଅପିଲକାରୀଙ୍କର ସାମର୍ଥ୍ୟ ଥିଲା କି ନାହିଁ । ଏହି ଦିଗ ଉପରେ କୌଣସି ଅଦାଲତ ବିଚାର କରିନାହାନ୍ତି । ଏପରି ପରିସ୍ଥିତିରେ, ଅପିଲକାରୀ ଚୁକ୍ତିର ନିଜ ଅଂଶକୁ ନିଷ୍ପାଦନ କରିବା ପାଇଁ ପ୍ରସ୍ତୁତ ଏବଂ ଇଚ୍ଛୁକ ନଥିଲେ ବୋଲି ନିମ୍ନ ଅଦାଲତଗୁଡ଼ିକ ଯେଉଁ ନିଷ୍କର୍ଷରେ ପହଞ୍ଚିଛନ୍ତି, ତାହା ତ୍ରୁଟିପୂର୍ଣ୍ଣ ଥିଲା । ପୂର୍ବରୁ ରାୟ ଦିଆଯାଇଥିବା ପରି, ଉତ୍ତରଦାତାଙ୍କ ସପକ୍ଷରେ ନିଷ୍ପାଦିତ ହସ୍ତାନ୍ତର ଦଲିଲ ଅନୁଯାୟୀ ପୈଠ କରାଯାଇଥିବା 4,000 ଟଙ୍କାର ପ୍ରତିଫଳ ରାଶି ଫେରସ୍ତ କରିବା ପାଇଁ ଅପିଲକାରୀଙ୍କ ସାମର୍ଥ୍ୟ ଉପରେ କୌଣସି ବିବାଦ ନାହିଁ । ଯେହେତୁ ଚୁକ୍ତି ଅନୁଯାୟୀ ସମ୍ପତ୍ତିଟି ପୁନଃ-ହସ୍ତାନ୍ତର ହେବା ଆବଶ୍ୟକ, ତେଣୁ ଆମେ ଯେତେବେଳେ ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତାଙ୍କୁ ପଚାରିଲୁ ଯେ ତାଙ୍କ ମହକିଲ କେତେ ଅର୍ଥରାଶି ପ୍ରଦାନ କରିବାକୁ ଇଚ୍ଛୁକ, ସେ ଅତି ସ୍ପଷ୍ଟ ଭାବେ କହିଥିଲେ ଯେ

ଅପିଲକାରୀ ଏକକାଳୀନ 40,000 ଟଙ୍କା ପ୍ରଦାନ କରିବାକୁ ଇଚ୍ଛୁକ ଅଛନ୍ତି । ଆମେ ମନେ କରୁଛୁ ଯେ ଏହି ପ୍ରସ୍ତାବ ଅତ୍ୟନ୍ତ ନ୍ୟାୟସଙ୍ଗତ ଅଟେ । ଏପରି ପରିସ୍ଥିତିରେ, ଯଦିଓ ଉତ୍ତରଦାତାଙ୍କ ବିଜ୍ଞ ଅଧିବକ୍ତା ଏହାକୁ ଗ୍ରହଣ କରିବାକୁ ଇଚ୍ଛୁକ ନଥିଲେ, ତଥାପି ଆମର ବିଚାରରେ ନ୍ୟାୟ ଏବଂ ସାମ୍ୟର ସ୍ୱାର୍ଥରେ ଅପିଲକାରୀଙ୍କୁ ଆଜିଠାରୁ ଛଅ ମାସ ମଧ୍ୟରେ ବିଚାରଣ ଅଦାଲତରେ 40,000 ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେବା ଉଚିତ ହେବ । ଅପିଲକାରୀ ଏପରି ଅର୍ଥ ଜମା କରିସାରିବା ପରେ, ଅଦାଲତରେ ସମ୍ପତ୍ତିର ସ୍ୱତ୍ୱ ଦଲିଲ ଉପସ୍ଥାପନ କରିବାକୁ ଏବଂ ସମ୍ପତ୍ତି ପୁନଃ-ହସ୍ତାନ୍ତର କରିବାକୁ ଉତ୍ତରଦାତାଙ୍କୁ ନିର୍ଦ୍ଦେଶ ଦିଆଗଲା । ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ଯଦି ଉତ୍ତରଦାତା ତାଙ୍କ ସପକ୍ଷରେ ନିଷ୍ପାଦିତ ହୋଇଥିବା 21.2.1969 ତାରିଖର ହସ୍ତାନ୍ତର ଦଲିଲ ଉପସ୍ଥାପନ କରିବାକୁ ମନା କରନ୍ତି, ତେବେ ବିଚାରଣ ଅଦାଲତ 21.2.1969 ତାରିଖର ଉକ୍ତ ବିକ୍ରୟ ଦଲିଲର ସର୍ତ୍ତାବଳୀ ଅନୁଯାୟୀ ପୁନଃ-ହସ୍ତାନ୍ତର ଦଲିଲ ନିଷ୍ପାଦନ କରାଇବେ । ସେହି କ୍ଷେତ୍ରରେ, ଅପିଲକାରୀ ଦଲିଲ ନିଷ୍ପାଦନ ଖର୍ଚ୍ଚ, ଷ୍ଟାମ୍ପ ଶୁଳ୍କ ଏବଂ ବିକ୍ରି ଦଲିଲର ପଞ୍ଜୀକରଣ ଦେୟ ପାଇବାକୁ ମଧ୍ୟ ହକଦାର ହେବେ ।

ତଦନୁସାରେ ଅପିଲଟିକୁ ମଞ୍ଜୁରୀ ଦିଆଯାଉଛି । କିନ୍ତୁ ପରିସ୍ଥିତିକୁ ଦୃଷ୍ଟିରେ ରଖି କୌଣସି ଖର୍ଚ୍ଚ ଧାର୍ଯ୍ୟ କରାଯାଉ ନାହିଁ ।

ଆର୍.ପି. ଅପିଲଟିକୁ ମଞ୍ଜୁରୀ ଦିଆଗଲା ।

<u>**ଅସ୍ୱୀକରଣ**</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***
**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**